ଓଡିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

# PRERANA

**(Post Matric Scholarship Registration Release And Network Automation)**

ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ /ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ର ମାଟ୍ରିକପର ଉଚ୍ଚଶିକ୍ଷା ନିମନ୍ତେ ନାମଲେଖାଇ ଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ online ଦରଖାସ୍ତ ପଞ୍ଜୀକରଣ/ନବୀକରଣ କରିବାର ସମୟ ବୃଦ୍ଧି କରାଯିବାର ସମୟ ସାରଣୀ ନିମ୍ନରେ ପ୍ରଦାନ କରାଯାଇଅଛି: ପ୍ରେରଣାରେ ଅନଲାଇନ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ/ ନିର୍ଦ୍ଦେଶନାମା website: mpsc.mp.nic.in/scholarships ରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି ।

| ଦରଖାସ୍ତ ପଞ୍ଜୀକରଣ/ନବୀକରଣ କରିବାର ସମୟ ସାରଣୀ | | |
|---|---|---|
| କ୍ର.ନଂ | କାର୍ଯ୍ୟ କ୍ରମ | ତାରିଖ |
| ୧ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩0.୧୧.୨୦୧୯ |
| ୨ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରେରଣା ପୋର୍ଟାଲରେ ଆବେଦନ ଦରଖାସ୍ତର ନକଲରେ ସ୍ୱାକ୍ଷର କରାଯାଇ ସମସ୍ତ ଦରକାରୀ ପ୍ରମାଣପତ୍ର ସହ ଅନୁଷ୍ଠାନରେ ଦାଖଲ କରିବାର ଶେଷ ତାରିଖ | ୧୫.୧୨.୨୦୧୯ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | 31.୧୨.୨୦୧୯ |
| ୪ | ଅନୁଷ୍ଠାନମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର hard copy ସମ୍ପୃକ୍ତ ଜିଲ୍ଲା ଅଧିକାରୀମାନଙ୍କୁ ପଠାଇବାର ଶେଷ ତାରିଖ | ୧୦.୦୧.୨୦୨୦ |
| ୫ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧.୦୧.୨୦୨୦ |

**ଆବେଦନକାରୀ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କୁ ଅନୁରୋଧ, ସେମାନେ ସ୍ବୀକୃତ ଦରଖାସ୍ତ ନକଲ ପଠାଇବାର ଶେଷ ତାରିଖ କୁ ଅପେକ୍ଷା ନ କରି ପଞ୍ଜୀକରଣ ଓ ଦରଖାସ୍ତ ଗ୍ରହଣର ୭ ଦିନ ମଧ ରେ ଯଥାକ୍ରମେ ନିଜର ଶିକ୍ଷାନୁଷ୍ଠାନ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ **hardcopy** ଦାଖଲ କରିବେ।

ଚଳିତ ବର୍ଷରୁ ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ "ଆଧାର" ନମ୍ବର ପ୍ରମାଣିକରଣ ନିତ୍ୟାନ୍ତ ଜରୁରୀ ଅଟେ। ପ୍ରେରଣାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଆଧାର ନମ୍ବର **UIDAI** ଦ୍ୱାରା ଯାଞ୍ଚ କରାଯିବ ଏବଂ କେବଳ ସଫଳତା ପୂର୍ବକ ଯାଞ୍ଚ ହୋଇଥିବା ଆବେଦନ ଗୁଡିକୁ ପ୍ରାଥମିକତା ଭାବେ ଛାତ୍ରବୃତ୍ତି ପ୍ରଦାନ କରାହେବ। ଆଧାର ଯାଞ୍ଚର ସ୍ଥିତି ଆବେଦନକାରୀ ମାନଙ୍କୁ ପ୍ରେରଣାରେ ପଞ୍ଜୀକରଣ ସମୟରେ ଦେଇଥିବା ମୋବାଇଲ ନମ୍ବର ରେ **SMS** ଦ୍ୱାରା ଜଣେଇଦିଆଯିବ ଏବଂ ସେମାନେ ନିଜ **ID PASSWORD** ରେ ମଧ **LOGIN** କରିକି ଜାଣିପାରିବେ। ତଦନୁସାରେ, ଆବେଦନକାରୀ ମାନଙ୍କୁ ଅନୁରୋଧ ସେମାନେ ପ୍ରେରଣା ପୋର୍ଟାଲ ରେ **LOGIN** କରି ନିଜର ଆଧାର ଯାଞ୍ଚ ସ୍ଥିତିର ତଦନ୍ତ କରିବେ। ଯଦି ସ୍ଥିତି **"NOT-VERIFIED"** ଥାଏ, ତେବେ ସେହି ଆବେଦନକାରୀ ମାନଙ୍କୁ ଜରୁରୀକାଳିନ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ । ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆଧାର ସଠିକକରଣ କିମ୍ବା ପୃଷ୍ଟିକରଣ କରିବା ପରେ, ଛାତ୍ରବୃତ୍ତି ପ୍ରଦାନ ପ୍ରକ୍ରିୟାକୁ ପୁନଃ ପ୍ରସଂସ୍କରଣ କରାଇବା ପାଇଁ ଆବେଦନକାରୀ ମାନେ ନିଜର ସଠିକ ଆଧାର ନମ୍ବର ନିଜର **login** ପେଜ ରେ ଯାଇ ଅପଡେଟ କରିବା ନିତ୍ୟାନ୍ତ ଜରୁରୀ ଅଟେ।

ପ୍ରେରଣା ପୋର୍ଟାଲ ମାଧମରେ ଛାତ୍ରବୃତ୍ତି ଆବେଦନ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଛାତ୍ରଛାତ୍ରୀ/ ଅଭିଭାବକ ମାନଙ୍କର ଦୃଷ୍ଟିଆକର୍ଷଣ ନିମନ୍ତେଏହି ବିଜ୍ଞପ୍ତି ପ୍ରକାଶ କରାଯାଇଅଛି।

ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ